**BY FAX**

# GOVERNMNT OF ORISSA
## ST & SC DEVELOPMENT DEPARTMENT

****

No. 38894 /SSD., Dated, Bhubaneswar the, 29/9/10
PMS- ST- 20/2010

From

Shri B.K. Nayak,
Special Secretary to Govt..

To

The Deputy Secretary to Govt.
I & P.R. Department.
Bhubaneswar.

**Sub: Publication of Oriya Version of the Scheme of Post- Matric Scholarship for ST/ SC students in Oriya daily news papers.**

Sir,

In enclosing herewith the Oriya Version of the scheme of Post- Matric Scholarship for ST/ SC students, I am directed to request you to please take necessary steps for publication of the same in three leading Oriya Dailies (The Samaj/ The Sambad/ The Dharitri) for information of ST & SC students and supply complementary copies to this Deptt.

Yours faithfully

Special Secretary to Govt.
25.09.10

Memo No. 38895 /SSD Dt 29/9/10

Copy alongwith copy of its enclosure forwarded to the Public information Officer ( in charge of the ST & SC Dev. Deptt.),I & P.R Deptt. for information and necessary action.

25.09.10
Special Secretary to Govt.

Memo No. 38896 /SSD Dt 29/9/10

Copy alongwith copy of its enclosure forwarded to Sri S. Mukherjee, Spl. Officer with a request to ~~publish~~ the Oriya Version of the Scheme in the Deptt. Website for wide circulation early.

25.09.10
Special Secretary to Govt.

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ର/ ଛାତ୍ରୀ ମାନଙ୍କର ଶିକ୍ଷାର ବିକାଶ ନିମନ୍ତେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ଵାରା କାର୍ଯ୍ୟକାରୀ ହେଉଥିବା ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ଯୋଜନା ।**

---

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଅଧ୍ୟୟନରତ ମାଟ୍ରିକ୍ ପରବର୍ତ୍ତୀ ଛାତ୍ର/ ଛାତ୍ରୀ ମାନଙ୍କର ଶିକ୍ଷାର ବିକାଶ ନିମନ୍ତେ ଭାରତ ସରକାରଙ୍କ ଆର୍ଥିକ ସହାୟତାରେ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଯୋଜନା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ଵାରା କାର୍ଯ୍ୟକାରୀ କରାଯାଉଅଛି ।

ମାଟ୍ରିକ୍ ପରବର୍ତ୍ତୀ ପାଠ୍ୟକ୍ରମରେ ଅଧ୍ୟୟନରତ ସମସ୍ତ ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ବର୍ଗର ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷାର ବିକାଶ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦେବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଅଟେ । କେବଳ ଯେଉଁ ଛାତ୍ର ଛାତ୍ରୀ ମାନେ ପ୍ରଶିକ୍ଷଣ ପାଠ୍ୟକ୍ରମରେ ଅଧ୍ୟୟନରତ ଥିବେ ସେମାନେ ଏହିଁ ଯୋଜନାର ଅର୍ନ୍ତଭୁକ୍ତ ହୋଇ ପାରିବେ ନାହିଁ । ଏତଦ୍ ବ୍ୟତୀତ ଏହି ଛାତ୍ରବୃତ୍ତି ଯୋଜନାରେ ଯେଉଁ ଅନୁସୂଚିତ ଜାତି ଛାତ୍ର/ ଛାତ୍ରୀ ମାନଙ୍କ ପରିବାର/ ଅଭିଭାବକଙ୍କର ବାର୍ଷିକ ଆୟ ସମସ୍ତ ସୂତ୍ରରୁ ମୋଟ ଯଥାକ୍ରମେ ଟ. ୧,୦୦.୦୦୦/- (ଏକ ଲକ୍ଷ ଟଙ୍କା) ଓ ଅନୁସୂଚିତ ଜନଜାତି ବର୍ଗର ଛାତ୍ର / ଛାତ୍ରୀ ମାନଙ୍କ ପରିବାର/ ଅଭିଭାବକଙ୍କର ବାର୍ଷିକ ଆୟ ଟ. ୧,୪୫.୦୦୦/- (ଏକ ଲକ୍ଷ ପଇଁଚାଳିଶି ହଜାର ଟଙ୍କା) ମଧ୍ୟରେ ସୀମିତ ଥିବ ସେହି ଛାତ୍ର/ ଛାତ୍ରୀ ମାନେ ଏହି ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ । ମୁଖ୍ୟତଃ ବାର୍ଷିକ ଆୟର ପ୍ରମାଣପତ୍ର , ଜାତିଗତ ପ୍ରମାଣପତ୍ର ଏବଂ ସ୍ଵୀକୃତି ପ୍ରାପ୍ତ ପାଠ୍ୟକ୍ରମକୁ ବିଚାରକୁ ନିଆଯାଇ ଏହି ଯୋଜନାର ହିତାଧିକାରୀଙ୍କୁ ଚୟନ କରାଯାଇଥାଏ ।

ଯେଉଁ ଛାତ୍ର ଛାତ୍ରୀ ମାନେ ନୂତନ ଭାବରେ ପାଠ୍ୟକ୍ରମରେ ନାମ ଲେଖାଇ ଥାଆନ୍ତି, ସେମାନଙ୍କ ମଧ୍ୟରୁ ଯେଉଁମାନେ ଉକ୍ତ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ, ସେମାନେ ଶିକ୍ଷା ବର୍ଷରେ ନାମ ଲେଖାଇବା ଦିନଠାରୁ ପରୀକ୍ଷା ଶେଷ ପର୍ଯ୍ୟନ୍ତ ଉକ୍ତ ଛାତ୍ର ବୃତ୍ତି ପାଇ ପାରିବେ । ଯେଉଁ ମାନେ ପୂର୍ବ ବର୍ଷ ଉକ୍ତ ଛାତ୍ରବୃତ୍ତି ପାଇଥିବେ ସେମାନେ ସେହି ବର୍ଷ ଛାତ୍ରବୃତ୍ତି ପାଇଥିବା ମାସର ପରବର୍ତ୍ତୀ ମାସ ଠାରୁ ଉକ୍ତ ବୃତ୍ତି ପାଇ ପାରିବେ । ସମସ୍ତ ଯୋଗ୍ୟ ବିବେଚିତ ଛାତ୍ର ଛାତ୍ରୀ ମାନଙ୍କୁ ଉକ୍ତ ଛାତ୍ରବୃତ୍ତି ଏକାଉଣ୍ଟ ପେଇ ଚେକ୍ କିମ୍ବା ଡ୍ରାଫ୍ଟ ଅକାରରେ ବଣ୍ଟନ କରାଯିବାର ବ୍ୟବସ୍ଥା ରହିଅଛି ।

ପ୍ରତିଶିକ୍ଷା ବର୍ଷ ଆରମ୍ଭରୁ ଉକ୍ତ ଛାତ୍ରବୃତ୍ତି ପାଇବା ପାଇଁ ଏକ ବିଜ୍ଞାପନ ମାଧ୍ୟମରେ ନିର୍ଦ୍ଧାରିତ ଫର୍ମରେ ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ଦରଖାସ୍ତ ଆହ୍ୱାନ କରାଯାଇଥାଏ । ତଦନୁଯାୟୀ ଯୋଗ୍ୟ ଛାତ୍ର/ ଛାତ୍ରୀ ମାନେ ନିର୍ଦ୍ଧାରିତ ଫର୍ମରେ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ଫଟୋଗ୍ରାଫ୍, ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ଜାତିଗତ ପ୍ରମାଣ ପତ୍ର ପରିବାରର ବାର୍ଷିକ ଆୟର ପ୍ରମାଣ ପତ୍ର ସହିତ ଏଫିଡେଭିଟ୍ ଇତ୍ୟାଦି ସଂଲଗ୍ନ କରି ଆବେଦନ କରି ପାରିବେ । ଉକ୍ତ ଦରଖାସ୍ତ ପାଇବାପରେ ଯୋଗ୍ୟ ବିବେଚିତ ଛାତ୍ର/ ଛାତ୍ରୀ ମାନଙ୍କୁ ଚୟନ କରାଯାଇଥାଏ ।

# ଛାତ୍ରବୃତ୍ତିର ହାର

## ଉକ୍ତ ଯୋଜନାରେ ଯୋଗ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ନିମ୍ନଲିଖିତ ହାରରେ ଛାତ୍ର ବୃତ୍ତି ପ୍ରଦାନ କରାଯାଇଥାଏ ।

| ବିଭିନ୍ନ କିସମ | ପାଠ୍ୟକ୍ରମ | |
|---|---|---|
| ୧ | ୨ | |
| ୧ (I) | ସ୍ନାତକ ଏବଂ ସ୍ନାତକୋତ୍ତର ସ୍ତରର ପାଠ୍ୟକ୍ରମ ସହିତ ଏମ୍.ଫିଲ୍, ପି.ଏଚ୍.ଡି ଏବଂ ଭେଷଜ, ଏଲୋପାଥିକରେ ପୋଷ୍ଟ ଡକ୍ଟରେଟ ଓ ଭାରତୀୟ ଏବଂ ଅନ୍ୟାନ୍ୟ ସ୍ୱୀକୃତ ଔଷଧ ପଦ୍ଧତିରେ ଗବେଷଣା , ଇଂଜିନିୟରିଂ ଟେକ୍‌ନୋଲଜି, କୃଷି, ପଶୁ ପାଳନ, ଏଲାଏଡ ସାଇନ୍‌ସେସ ମେନେଜମେଣ୍ଟ, ବିଜିନେସ ଫାଇନାନ୍‌ସ, ବିଜିନେସ ଏଡ଼ମିନିଷ୍ଟ୍ରେସନ ଏବଂ କଂପୁଟର ଏପ୍ଲିକେସନସ/ ବିଜ୍ଞାନ, କମରସିଆଲ ପାଇଲଟ୍ ଏବଂ ବିଭିନ୍ନ ପ୍ରକାର ଇଂଜିନିୟରିଂ ପାଠ୍ୟକ୍ରମ । | |
| (II) | **ରକ୍ଷଣାବେକ୍ଷଣ ଭତ୍ତା**<br>**(ମାସିକ ହାରରେ)** | |
| | **ଅନ୍ତେବାସୀ** | Rs.୭୪୦/- |
| | **ଦିବାଧ୍ୟାୟୀ** | Rs.୩୩୦/- |
| (III) | **ସର୍ବାଧିକ ଅନ୍ୟାନ୍ୟ ଫିସ୍ (ଟିଉସନ ଫିସ୍+ଡେଭ୍‌ଲପ୍‌ମେଣ୍ଟ ଫିସ୍) ପ୍ରତିପୂରଣ ପାଇଁ କିମ୍ବା ପ୍ରକୃତ ଦେୟ ପାଇଁ ନିର୍ଦ୍ଧାରିତ ହୋଇଥିବା ଫିସ୍ ତନ୍ମଧ୍ୟରୁ ଯେଉଁ ଫିସ୍ ସବୁଠାରୁ କମ୍ ।** | |
| | ସ୍ନାତକୋତ୍ତର ଏଲୋପାଥିକ | Rs. ୧୦୨୦/ |
| | ସ୍ନାତକୋତ୍ତର ଆୟୁର ବେଦିକ/ ହୋମିଓ | Rs.୨୦୨୦/- |
| | ଏମ୍. ଟେକ୍/ମେରାଇନ ଇଂଜିନିୟର | Rs.୧୬୦୦୦/- |
| | ଏମ୍.ବି.ବି.ଏସ୍- | Rs.୧୧,୫୦୦/- |
| | ବି.ଡି.ଏସ୍- | Rs.୭,୫୦୦/- |
| | ବି.ଏଚ୍.ଏମ୍.ଏସ୍/ ବି.ଏ.ଏମ୍.ଏସ୍- | Rs. ୫,୪୫୦/- |
| | ଏମ୍.ବି.ଏ- | Rs.୧୫,୦୦୦/- |
| | ଏମ୍.ସି.ଏ- | Rs.୨୦,୦୦୦/- |
| | ବାକି ରହିଥିବା ପାଠ୍ୟକ୍ରମ : ସରକାରୀ କଲେଜରେ ତା.୩୧-୩-୦୫ ରିଖ ସୁଦ୍ଧା ପ୍ରଚଳିତ ସର୍ବାଧିକ ଫିସ୍ କିମ୍ବା ପ୍ରକୃତ ଫିସ୍ ତନ୍ମଧ୍ୟରୁ ଯାହା ସବୁଠାରୁ କମ୍ । | |
| ୨(I) | ଅନ୍ୟାନ୍ୟ ପେଷାଗତ ଏବଂ ବୈଷୟିକ ସ୍ନାତକ ଏବଂ ସାତକୋତ୍ତର ସହିତ ଏମ୍.ଫିଲ୍.ପି.ଏଚ୍.ଡି ଏବଂ ପୋଷ୍ଟ ଡକ୍ଟରାଲ ଗବେଷଣା ସ୍ତରର ପାଠ୍ୟକ୍ରମ ଯେଉଁ ଗୁଡିକ ଗ୍ରୁପ-୧, ସି.ଏ/ ଆଇ.ସି.ଡବ୍ଲୁ.ଏ/ ସି.ଏସ୍ ପାଠ୍ୟକ୍ରମ ସମସ୍ତ ସ୍ନାତକୋତ୍ତର, ସ୍ନାତକ ସ୍ତରର ଡିପ୍ଲୋମା ପାଠ୍ୟକ୍ରମ ସମସ୍ତ ସ୍ନାତକୋତ୍ତର, ସ୍ନାତକ ସ୍ତରର ଡିପ୍ଲୋମା ପାଠ୍ୟକ୍ରମ, ସମସ୍ତ ସାର୍ଟିଫିକେଟ୍ ସ୍ତରର ପାଠ୍ୟକ୍ରମ । | |
| (II) | **ଅନ୍ତେବାସୀ** | Rs.୫୧୦/- |
| | **ଦିବାଧ୍ୟାୟୀ** | Rs.୩୩୦/- |

| | |
|---|---|
| (III) | ଫାର୍ମା- Rs.୧୬୦୦୦/-<br>ଏମ୍.ଫିଲ୍.ପି.ଏଚ୍.ଡି- Rs. ୫୦୦/-<br>ଏମ୍.ଏ- Rs. ୪୦୪/-<br>ଏମ୍.ଏସ୍.ସି- Rs. ୪୨୮/-<br>ଡିପ୍ଲୋମା- Rs.୫୦୦୦/-<br>ବି.ଏସ୍.ସି (ନର୍ସିଂ) Rs.୧୫୫୬/-<br>ଜି.ଏନ୍.ଏମ୍- Rs.୧୫୨୦/-<br>ଏଲ୍.ଏଲ୍.ଏମ୍- Rs. ୪୪୦/-<br><br>ବାକି ରହିଥିବା ପାଠ୍ୟକ୍ରମ : ସରକାରୀ କଲେଜରେ ତା ୩୧-୩-୦୫ ରିଖ ସୁଦ୍ଧା ପ୍ରଚଳିତ ଫିସ୍ କିମ୍ବା ପ୍ରକୃତ ଫିସ୍ ତନ୍ମଧ୍ୟରୁ ଯାହା ସବୁଠାରୁ କମ୍ । |
| ୩ (I) | ଅନ୍ୟାନ୍ୟ ପାଠ୍ୟକ୍ରମ ସ୍ନାତକ କିମ୍ବା ତଦୁର୍ଦ୍ଧ ଡିଗ୍ରୀ ଯେଉଁ ପାଠ୍ୟକ୍ରମ ଗ୍ରୁପ-I ଏବଂ II ର ଅନ୍ତର୍ଭୁକ୍ତ ନୁହେଁ । |
| (II) | **ଅନ୍ତେବାସୀ** Rs.୩୫୫/- |
| | **ଦିବାଧ୍ୟାୟୀ** Rs.୧୮୫/- |
| (III) | ସରକାରୀ ଅନୁଷ୍ଠାନର ଫିସ୍ ପରି ।<br><br>ବାକି ରହିଥିବା ପାଠ୍ୟକ୍ରମ : ସରକାରୀ କଲେଜରେ ତା ୩୧-୩-୦୫ ରିଖ ସୁଦ୍ଧା ପ୍ରଚଳିତ ଫିସ୍ କିମ୍ବା ପ୍ରକୃତ ଫିସ୍ ତନ୍ମଧ୍ୟରୁ ଯାହା ସବୁଠାରୁ କମ୍ । |
| ୪ (I) | ସମସ୍ତ ମାଟ୍ରିକ ପର ସ୍ତରର ପାଠ୍ୟକ୍ରମ ଯେଉଁ ଗୁଡିକ ସ୍ନାତକ ପୂର୍ବର ପାଠ୍ୟକ୍ରମ ଯଥା ଦୁଇ ବା ତିନି ଶ୍ରେଣୀଯୁ ପାଠ୍ୟକ୍ରମ ଆଇ.ଟି.ଆଇ. ପାଠ୍ୟକ୍ରମ ଓ ଅନ୍ୟାନ୍ୟ ଧନ୍ଦାମୂଳକ ପାଠ୍ୟକ୍ରମ (ଯାହାର ଅତି କମ୍‌ରେ ମାଟ୍ରିକ ଶିକ୍ଷାଗତ ଯୋଗ୍ୟତା ଦରକାର) |
| (II) | **ଅନ୍ତେବାସୀ** Rs.୨୩୫/- |
| | **ଦିବାଧ୍ୟାୟୀ** Rs.୧୪୦/- |
| (III) | ଆଇ.ଟି. ଆଇ- Rs.୨୦୦୦/-<br><br>ବାକି ରହିଥିବା ପାଠ୍ୟକ୍ରମ : ସରକାରୀ କଲେଜରେ ତା.୩୧-୩-୦୫ ରିଖ ସୁଦ୍ଧା ସର୍ବାଧିକ ପ୍ରଚଳିତ ଫିସ୍ କିମ୍ବା ପ୍ରକୃତ ଫିସ୍ ତନ୍ମଧ୍ୟରୁ ଯାହା ସବୁଠାରୁ କମ୍ । |

ବୃତ୍ତି ପାଉଥିବା ସମସ୍ତ ଛାତ୍ର/ ଛାତ୍ରୀ ମାନେ ସେମାନଙ୍କର ନାମ ଲେଖାଇବା/ ରେଜେଷ୍ଟ୍ରୀ କରଣ, ଖେଳ, ଲାଇବ୍ରେରୀ, ମାଗାଜିନ, ଡାକ୍ତରୀ ପରୀକ୍ଷା ଏବଂ ଏହି ପ୍ରକାରର ଅନ୍ୟାନ୍ୟ ଫିସ୍ ଯେଉଁ ଗୁଡିକୁ ବାଧ୍ୟତା ମୂଳକ ଭାବେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସେମାନଙ୍କୁ ଦେବାକୁ ପଡିଥାଏ, ତାହା ବୃତ୍ତି ଭାବେ ପାଇବେ । ସିକୁରିଟି/ କସନମନି ବାବଦକୁ ଜମା କରାଯାଇଥିବା ଅର୍ଥ ଏହା ମଧ୍ୟରୁ ବାଦ ଦିଆଯିବ ।